# ସିଭି ରମଣ କଲେଜର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୧/୩: ସିଭି ରମଣ କଲେଜର ବାର୍ଷିକ ଉତ୍ସବ ସେଲିଗାନ୍ସ ୨୦୧୬ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅକ୍ଷୟ କୁମାର ପରିଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବର ଶେଷ ଦିନରେ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ପୁରସ୍କାର ବିତରଣ ଅବସରରେ ବିଶିଷ୍ଟ ଚାର୍ଟାଡ ଆକାଉଣ୍ଟାଣ୍ଟ୍ ଶରତ ଚନ୍ଦ୍ର ଭଦ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମମତା ଏଗ୍ରୋ ଫୁଡ୍ସର ନିର୍ଦ୍ଦେଶକ ପରିଚୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇଲେକ୍ଟ୍ରୋନିକ୍ ଆଣ୍ଡ କମ୍ୟୁନିକେସନ ବିଭାଗ ଛାତ୍ର ଶଶାଙ୍କ କୁମାରଙ୍କୁ ଷ୍ଟୁଡେଣ୍ଟ୍ ଅଫ୍ ଦି ଇୟର୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କୋଲକାତା ବ୍ରିଟିସ୍ କାଉନସିଲର ଅନଳ ଚୌଧୁରୀ ଏବଂ କଲେଜର ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଶାଶ୍ୱତ କୁମାର ରାମ ଉପସ୍ଥିତ ଥିଲେ।

The Sambad ୨୨.୦୩.୨୦୧୬